# Akashvani, Sambalpur

## SAMBALPURI NEWS EVENING BULLETIN

**15 October 2024- 7.02 pm- 7.12 pm.**

*********************************************

୧- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୨୪ ତାରିଖ୍ ଦିନ ଆସ୍‌ବେ ଓଡ଼ିଶା ।

୨- ଟେଲିକମ୍ ଆର୍ ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରଥି ଭାରତ୍ ପୁର୍‌ଥିର୍ ଗୁଟେ ସଫଲ୍ ରାଷ୍ଟ୍ର- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଖରିଫ୍ ଋତୁ ଲାଗି ଧାନ୍ ସଂଗ୍ରହ ବ୍ୟବସ୍ଥାର୍ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

- ବାହାର ରାଜ୍ୟନୁ ଆସୁଥିବା ଧାନ୍ ରୁକ୍‌ବାର୍‌କେ ନିଆଯାଇଛେ ପଦକ୍ଷେପ୍ ।

ଆଉର୍

୪- ସ୍ୱାସ୍ଥ୍ୟସେବା, କୃଷି ଆର୍ ସ୍ଥାୟୀ ସହର୍ କ୍ଷେତ୍ରଥି ୩ ଟା ଏଆଇ ସେଂଟର୍ ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା କର୍‌ବାର୍‌କେ ଘୋଷ୍‌ନା କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ।

ରାଷ୍ଟ୍ରପତି-ଓଡ଼ିଶା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୨୪ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କୁ ଦର୍ଶନ୍ କର୍‌ବେ । ଦର୍ଶନ୍ ଉତାରୁ ପୁରୀ ଗୋପବନ୍ଧୁ ଆୟୁର୍ବେଦ୍ ମହାବିଦ୍ୟାଳୟର୍ ହୀରକ ଜୟନ୍ତୀ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ରାଷ୍ଟ୍ରପତିଙ୍କର୍ ଗସ୍ତକେ ନେଇକରି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜୋର୍‌ଦାର୍ ପ୍ରସ୍ତୁତି ମୁଲ୍ ହେଇଥିବାର୍ ବେଳେ ଜିଲ୍ଲାପାଲ୍ ସବୁ ବିଭାଗ୍‌ର ଅଧିକାରୀମାନ୍‌କର୍ ସାଙ୍ଗେ ବୈଠକ୍ କରିଛନ୍ ।

ପ୍ରଧାନ୍‌ମନ୍ତ୍ରୀ-ଡବ୍ଲୁଟିଏସ୍‌ଏ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପ୍ ନ ଆନ୍ତର୍ଜାତିକ ଟେଲି କମ୍ୟୁନିକେସନ୍ ୟୁନିୟନ୍‌ର ୱାଲ୍ଡ଼ ଟେଲି କମ୍ୟୁନିକେସନ୍ ଷ୍ଟାଣ୍ଡାଡାଇଜେସନ୍ ସମ୍ମିଲନୀକେ ଉଦ୍‌ଘାଟନ୍ କରିଛନ୍ । ମିଲିତ ଜାତିସଂଘ ଏଜେନ୍ସି ଆନ୍ତର୍ଜାତୀୟ ଟେଲିକମ୍ ୟୁନିୟନ୍‌ର ମାନକିକରଣ୍ କାମ୍ ଲାଗି ଫି’ ୪ ବଛ୍‌ରେ ଥରେ ଇ ପରିଚାଳନା

ସମ୍ମିଲନୀ ହେସି । ଇ ବଛର୍ ପହେଲାଥର୍ ଲାଗି ଆଇଟିୟୁ-ଡବ୍ଲୁଟିଏସ୍ଏ ଭାରତ୍ ଆର୍ ଏସିଆ ପ୍ରଶାନ୍ତ ମହାସାଗରୀୟ ଇଲାକା ନ ହେଇଛେ । କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଇଣ୍ଡିଆ ମୋବାଇଲ୍ କଂଗ୍ରେସ୍ ୨୦୨୪ ର ୮ ନମ୍ବର୍ ସଂସ୍କରଣ୍‌କେ ଭିଲ୍ ଉଦ୍‌ଘାଟନ୍ କରିଛନ୍ । ଇଥି ଉଦ୍‌ବୋଧନ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଭାରତ୍ ଆଏଜ୍ ଟେଲିକମ୍ ଆର୍ ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରଥି ପୁର୍‌ଥିର୍ ସଫଲ୍ ଦେଶ୍ ଭିତ୍‌ରୁ ଗୁଟେ ଆଏ । ଭାରତ୍‌ଥି ଶହେ ୨୦ କୋଟି ମୋବାଇଲ୍ ଫୋନ୍ ବେଭାର୍‌କାରୀ ୯୫ କୋଟି ଇଂଟରନେଟ୍ ବେଭାର୍‌କାରୀ ଥିବାର୍ ବେଲେ ପୁର୍‌ଥିର୍ ୪୦ ପ୍ରତିଶତ୍‌ନୁ ଅଏତ୍‌କା ରିଅଲ୍ ଟାଇମ୍ ଡିଜିଟାଲ୍ କାର୍‌ବାର୍ ଭାରତ୍ ନ ହେଉଛେ । ଏଆଇର ନୈତିକ ବେଭାର୍ ଲାଗି ଆହ୍ୱାନ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ସୁରକ୍ଷା, ମର୍ଯ୍ୟାଦା ଆର୍ ସମାନତା ସବୁ ଆଲୋଚନାର୍ କେନ୍ଦ୍ରଥି ରହେବାର୍ ଉଚିତ୍ ।

ମୁଖ୍ୟମନ୍ତ୍ରୀ- ଖରିଫ୍ ଧାନ୍ ସଂଗ୍ରହ    ସୂଚନା ଲୋକସମ୍ପର୍କ ବିଭାଗ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବନେଶ୍ୱର ଲୋକ୍‌ସେବା ଭବନ୍ ନ ଇ ବଛର୍ ଖରିଫ୍ ଋତୁ ଲାଗି ଧାନ୍

ସଂଗ୍ରହ ବ୍ୟବସ୍ଥାର୍ ସମୀକ୍ଷା କରିଛନ୍ । ଖାସ୍ କରି ଧାନ୍ ସଂଗ୍ରହଥି ହେଉଥିବା ଅନିୟମିତତା, ଦୁର୍ନୀତିକେ ପୁରା ବନ୍ଦ୍ କର୍ବାର୍କେ ଜିଲ୍ଲାପାଲ୍ମାନ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ପହେଲାଥର୍ ଲାଗି ଧାନ୍ର ସର୍ବନିମ୍ନ ମୂଲ୍ୟ ଉପ୍ରେ ୮ ଶହ ଟଙ୍କା ଅଏତ୍କା ଦିଆଯାଉଛେ । ହେଥିର୍ଲାଗି ଚାଷୀମାନ୍କର୍ ଭିତ୍ରେ ବହୁତ୍ଟେ ଉସ୍ନାକି ଦେଖିବାର୍କେ ମିଲିଛେ । ଧାନ୍ ସଂଗ୍ରହ ପ୍ରକ୍ରିୟାକେ ସ୍ୱଚ୍ଛ କର୍ବାର୍ ଲାଗି ଫିଂ’ ମନ୍ତ୍ରୀ ଗୁଟେ କି ଦୁଇଟା ଜିଲ୍ଲାର୍ ପର୍ଯ୍ୟବେକ୍ଷକ୍ ଦାୟିତ୍ୱଥି ରହେବେ । ସେମାନେ ଜିଲ୍ଲା ନ ଥିବା ଭିନ୍ ଭିନ୍ ମଣ୍ଡିକେ ଯାଇକରି ଚାଷୀମାନ୍କର୍ ସମସ୍ୟାର୍ ସମାଧାନ୍ କର୍ବେ । ସେନ୍ତା ଓଡ଼ିଶା ନ ଧାନ୍ର ଦାମ୍ ବଢ଼ିଥିବାର୍ନୁ ବାହାର ରାଜ୍ୟନୁ ଓଡ଼ିଶାକେ ଧାନ୍ ଆସ୍ବାର୍ ସମ୍ଭାବନା ରହିଛେ । ବାହାର୍ ରାଜ୍ୟନୁ ଆସୁଥିବା ଧାନ୍କେ ରୁକ୍ବାର୍ ଲାଗି ସର୍କାର୍ ପଦକ୍ଷେପ୍ ନେଇଛନ୍ । ହେଥିର୍ଲାଗି ସବୁ ସୀମା ଇଲାକା ନ ଏନ୍ଫୋର୍ସମେଂଟ୍ ସ୍କ୍ୱାର୍ଡ୍ ନିୟୋଜନ୍ କର୍ବାର୍ ଲାଗି ଜିଲ୍ଲାପାଲ୍ମାନେ ବ୍ୟବସ୍ଥା କରିଛନ୍ । ସିସିଟିଭି ଜରିଏ ସୀମ୍ନାର୍ ମୁଖ୍ୟ ରାସ୍ତା ମାନ୍କେ ୨୪ ଘଂଟା ମନିଟରିଂ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ବୈଠକ୍ଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା ଆର୍

ଅଲ୍‌ଗା ମନ୍ତ୍ରୀ, ମୁଖ୍ୟ ଶାସନ୍ ସଚିବ ଆର୍ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ମୁଖ୍ୟମନ୍ତ୍ରୀ-ହରିଆନା ଆର୍ ମୁମ୍ବାଇ ଆର୍‌ଏନ୍‌ୟୁ/ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍‌ଠାନୁ ହରିଆନା ଆର୍ ମୁମ୍ବାଇ ଗସ୍ତଥି ଯାଉଛନ୍ । ମୁଖ୍ୟମନ୍ତ୍ରୀ ଆଏବା କାଏଲ୍ ଉପର୍‌ବେଲା ହରିଆନା ଯାଇକରି ୧୭ ତାରିଖ୍ ଦିନ ଚଣ୍ଡିଗଡ୍ ଠାନେ ହରିଆନା ସର୍‌କାର୍‌ଙ୍କର୍ ଶପଥ୍ ଗ୍ରହଣ୍ ଉତ୍ସବ୍‌ଥି ଯୋଗ୍ ଦେବେ । ଇତାର୍‌ଉତ୍‌ରୁ ସେଦିନ ଉପର୍‌ବେଲା ଚଣ୍ଡିଗଡ୍ ଠାନେ ହେବାର୍‌କେ ଥିବା ଏନ୍‌ଡିଏ ଶାସିତ ମୁଖ୍ୟମନ୍ତ୍ରୀ ମାନ୍‌କର୍ ବୈଠକ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଚଣ୍ଡିଗଡ୍ ଗସ୍ତ ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୁମ୍ବାଇ ଯାଇକରି ୧୮ ତାରିଖ୍ ଦିନ ଇଣ୍ଡିଆନ୍ କେମିକାଲ୍‌ସ ଆଣ୍ଡ୍ ପେଟ୍ରୋକେମିକାଲ୍‌ସ୍ କ୍ଷେତ୍ର ଉପ୍‌ରେ ହେଉଥିବା ଗୁଟେ ସମ୍ମିଲନୀଥି ଯୋଗ୍ ଦେବେ । ଇତାର୍ ଉତ୍‌ରୁ ୧୮ ତାରିଖ୍ ଉପର୍‌ବେଲା ଆର୍ ୧୯ ତାରିଖ୍ ସଖାଲେ ମୁଖ୍ୟମନ୍ତ୍ରୀ ମୁମ୍ବାଇ ନ ମେକ୍ ଇନ୍ ଓଡ଼ିଶା ଲାଗି ନିବେଶକ ସମ୍ମିଲନୀଥି ଯୋଗ୍ ଦେବେ । ୧୯ ତାରିଖ୍

ସଞ୍ଜ୍‌ବେଳେ ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ଫିରି ଆସ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ପିଏମ୍ -କାଲାମ୍ ଆର୍‌ଏନ୍‌ୟୁ/ କଟକ୍

ଆଘର୍ ରାଷ୍ଟ୍ରପତି ଡକ୍ଟର୍ ଏପିଜେ ଅବ୍‌ଦୁଲ୍ କାଲାମ୍‌ଙ୍କର୍ ଆଏଜ୍ ଜନମ୍‌ଦିନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର୍ କଲାମ୍‌ଙ୍କୁ ସାମାଜିକ୍ ଗଣମାଧ୍ୟମ୍‌ଥି ଶ୍ରଦ୍ଧାଞ୍ଜଳି ଦେଇକରି କହିଛନ୍ ଯେ, ତାଙ୍କର୍ ଚିନ୍ତାଧାରା ଆଉ ଦୂରଦୃଷ୍ଟି ଦେଶ୍‌କେ ବିକଶିତ ଭାରତ୍‌ର ଲକ୍ଷ୍ୟ ହାସଲ୍ କର୍‌ବାର୍‌କେ ସାହାଜ୍ କର୍‌ବା । ସେନ୍ତା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍‌ଥି କହିଛନ୍ ଯେ, ଭାରତ୍‌ର ମହାକାଶ୍ ବିଜ୍ଞାନ୍, ଶିକ୍ଷା ଆର୍ ସାମାଜିକ୍ ସଂସ୍କାର୍ କ୍ଷେତ୍ରଥି ଡକ୍ଟର୍ କାଲାମ୍‌ଙ୍କର୍ ଅବଦାନ୍ ଆଜିର୍ ଯୁବବର୍ଗଙ୍କର୍ ଲାଗି ଗୁଟେ ପ୍ରେରଣା ଆଏ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଅବଦୁଲ୍ କଲାମ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦେଇକରି କହିଛନ୍ ଯେ, ମିଜାଇଲ୍‌ମେନ୍ ଡକ୍ଟର୍ କଲାମ୍ ତାଙ୍କର୍ ସାରା ଜୀବନ୍‌କେ ବିଜ୍ଞାନ୍, ପ୍ରଯୁକ୍ତିବିଦ୍ୟା ଆଉ ଶିକ୍ଷା ଜରିଏ ରାଷ୍ଟ୍ରଗଠନ୍ ଲାଗି ଉତ୍ସର୍ଗ କରିଥିଲେ । ତାଙ୍କର୍ ଜୀବନ୍ ଆଉ ତାଙ୍କର୍ ଶିକ୍ଷା ସବୁବେଳେ ଆମକୁ ମାର୍ଗଦର୍ଶନ୍ କରୁଥିବା ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ-ଏଆଇ ସେଂଟର୍ ଅଫ୍ ଏକ୍ସଲେନ୍ସ
ପି.ଆଇ.ବି.

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ନୂଆଦିଲ୍ଲୀ ନ ସ୍ୱାସ୍ଥ୍ୟସେବା, କୃଷି ଆର୍ ସ୍ଥାୟୀ ସହର୍ କ୍ଷେତ୍ରକେ ନଜର୍ଥି ରଖିକରି ୩ ଟା ଏଆଇ ସେଂଟର୍ ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା କର୍ବାର୍କେ ଘୋଷ୍ନା କରିଛନ୍ । ଶିକ୍ଷା ମନ୍ତ୍ରଣାଳୟ ତର୍ଫୁ ହେଇଥିବା ଇ କାର୍ଯ୍ୟକ୍ରମ୍ଥି କେନ୍ଦ୍ରମନ୍ତ୍ରୀ କହିଛନ୍ ଯେ, ଆର୍ଟିଫିସିଆଲ୍ ଇଂଟଲିଜେନ୍ସ- ଏଆଇ ଥି ଥିବା ୩ ଟା ଉତ୍କର୍ଷ କେନ୍ଦ୍ର ପୁର୍ଥିର୍ ଜନକଲ୍ୟାଣ୍କାରୀ ମନ୍ଦିର୍ ଭାବେ ଉଭା ହେବା । ସ୍ୱାସ୍ଥ୍ୟସେବା କ୍ଷେତ୍ର ନ ଏଆଇ ଉତ୍କର୍ଷ କେନ୍ଦ୍ରର୍ ନେତୃତ୍ୱ ଆଇଆଇଟି ଦିଲ୍ଲୀ ଆର୍ ଏମ୍ସ ଦିଲ୍ଲୀ ନେବା । ସେନ୍ତା କୃଷି କ୍ଷେତ୍ରଥି ଏଆଇ ଉତ୍କର୍ଷ କେନ୍ଦ୍ରର୍ ନେତୃତ୍ୱ ଆଇଆଇଟି ରୋପାର ନେବାର୍କେ ଥିବାର୍ ବେଲେ ଆଇଆଇଟି କାନ୍ପୁର୍ ସ୍ଥାୟୀ ସହର୍ କ୍ଷେତ୍ରଥି ଏଆଇ ଉତ୍କର୍ଷ କେନ୍ଦ୍ରକେ ପରିଚାଲିତ୍ କର୍ବା । ବିକଶିତ ଭାରତ୍ର ସପନ୍କେ ସାକାର୍ କର୍ବାର୍ ଲାଗି ଇ ତିନ୍ହି ଉତ୍କର୍ଷ କେନ୍ଦ୍ରକେ ଅଗ୍ରଣୀ ଶିକ୍ଷାନୁଷ୍ଠାନ୍, ଶିଳ୍ପ ଅଂଶୀଦାର୍ ଆର୍ ଷ୍ଟାର୍ଟଅପ୍ ମାନେ ନେତୃତ୍ୱ ନେବେ । ସେମାନେ ଆନ୍ତଃବିଭାଗୀୟ ଗବେଷଣା କର୍ବାର୍ ସଙ୍ଗେ ଅତ୍ୟାଧୁନିକ ଆପ୍ଲିକେସନ୍ ବିକଶିତ

କର୍‌ବେ । ଏଆଇର ୩ ଟା ଉତ୍କର୍ଷ କେନ୍ଦ୍ର ସ୍ୱାସ୍ଥ୍ୟସେବା, କୃଷି ଆର୍ ସ୍ଥାୟୀ ସହର୍ କ୍ଷେତ୍ରଥି ବଡ଼ ପରିବର୍ତ୍ତନ୍ ଆନ୍‌ବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଭାରତ୍ ନ ଏଆଇ ତିଆର୍ କର୍‌ବାର୍ ଆର୍ ଏଆଇ କାର୍ଯ୍ୟ କର୍‌ବାର୍ ଲକ୍ଷ୍ୟଥି ୨୦୨୩ -୨୪ ଆର୍ଥିକ୍ ବଛର୍‌ନୁ ୨୦୨୭-୨୮ ଆର୍ଥିକ୍ ବଛର୍ ଭିତ୍‌ରେ ମୋଟ୍ ୯ ଶହ ୯୦ କୋଟି ଟଙ୍କାର୍ ବ୍ୟୟବରାଦ୍ ସଙ୍ଗେ ଏଆଇ ସେଂଟର୍ ଅଫ୍ ଏକ୍ସଲେନ୍ସ ତିଆର୍ ଲାଗି କେନ୍ଦ୍ର ସର୍‌କାର୍ ମଞ୍ଜୁରୀ ଦେଇଛନ୍ ।

ବିଶ୍ୱ ଧଳାବାଡ଼ି ଦିବସ୍          ସୂଚନା ଲୋକସମ୍ପର୍କ ବିଭାଗ୍

ରାଜ୍ୟ ସର୍‌କାର୍ ଦୃଷ୍ଟିବାଧିତ ମାନ୍‌କର୍ ଲାଗି ଦେଶର୍ ପହେଲା ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କର୍‌ବାର୍ ଲାଗି ଚେଷ୍ଟା କରୁଛନ୍ ବଲି ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ବିଷ୍ଣୁପଦ ସେଠୀ କହିଛନ୍ । ଭୁବ୍‌ନେଶ୍ୱର୍ ନ ଥିବା ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଆଉ ଗବେଷଣା ପ୍ରତିଷ୍ଠାନ୍ ତର୍‌ଫୁ ହେଇଥିବା ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡ଼ି ଦିବସ୍ ପାଲନ୍ ଅବ୍‌ସରେ ହେଇଥିବା ସମାରୋହଥି ଶ୍ରୀ ସେଠୀ ଯୋଗ୍ ଦେଇକରି

କହିଛନ୍ ଯେ, ଧଳାବାଡ଼ି ମନ୍ ଭିତ୍‌ରେ ଆତ୍ମବିଶ୍ୱାସ୍ ସୃଷ୍ଟି କର୍‌ସି । ସମାଜ୍‌ଥି ଦୃଷ୍ଟିବାଧିତ ଲୁକ୍‌କୁ ଆତ୍ମନିର୍ଭରଶୀଲ୍ କର୍‌ବାର୍ ଲାଗି ଧଳାବାଡ଼ିର ମହତ୍ୱପୂର୍ଣ୍ଣ ଅବଦାନ୍ ରହିଛେ ବଲି ଭିଲ୍ ଇଥି ଯୋଗ୍ ଦେଇଥିବା ବକ୍ତାମାନେ କହିଛନ୍ ।

ବନକଲାଗି ନୀତି ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ଦଶ୍‌ରା ମାସର୍ ଉଜଲ୍ ପଖର୍ ଚତୁର୍ଦ୍ଦଶୀ ତିଥି ନ ଶ୍ରୀବିଗ୍ରହମାନ୍‌କର୍ ବନକଲାଗି ନୀତି ହେବା । ଇଟା ଗୁଟେ ଗୁପ୍ତ ନୀତି ହେଇଥିବାର୍‌ନୁ ୨ ନମ୍ବର ଭୋଗମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍‌ରୁ ଉପର୍‌ବେଲା ୫ ବଜେନୁ ରାତିର୍ ୯ ବଜେତକ୍ ୪ ଘଂଟା ଲାଗି ମାହାପୁରୁମାନ୍‌କର୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁକ୍ତାକାଶ ଚିତ୍ରଶାଳା ସୁବର୍ଣ୍ଣପୁର୍ ସମ୍ବାଦଦାତା

କଳା ଅନୁଷ୍ଠାନ୍, ଚିତ୍ରୋତ୍ପଳା ତର୍‌ଫୁ ସୁବର୍ଣ୍ଣପୁର୍ ନ ଦୁଇଦିନିଆ ମୁକ୍ତାକାଶ ଚିତ୍ରଶାଳା ଆଏଜ୍ ଉଦ୍‌ଘାଟିତ୍ ହେଇଯାଇଛେ ।

ଚିତ୍ରଶିଳ୍ପୀ ଦୁର୍ଯ୍ୟୋଧନ୍ ମେହେର୍ଙ୍କର୍ ପରିଚାଳନାଥି ହେଇଥିବା ଇ ଚିତ୍ରଶାଳାଥି ରାଜ୍ୟର୍ ୧୩ ଟା ଜିଲ୍ଲାନୁ ଆସିଥିବା ୩୪ ଝନ୍ ଚିତ୍ରଶିଳ୍ପୀ ପ୍ରକୃତିର ରଙ୍ଗ ଆର୍ ରାଗକେ ନେଇକରି ୩ ଟା ଖେପେ ସୁବର୍ଣ୍ଣପୁର୍‌ର ପ୍ରାକୃତିକ ସୌନ୍ଦର୍ଯ୍ୟର ସଭାକେ ରଙ୍ଗ ଆର୍ ତୁଲୀ ଜରିଏ ଜଳରଙ୍ଗର ଚିତ୍ର କରୁଛନ୍ ।

ବ୍ଲକ୍‌ସ୍ତରୀୟ ମନ୍‌ରେଗା- ଜନଶୁଣାଣି ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ ନ ବ୍ଲକ୍‌ସ୍ତରୀୟ ମନ୍‌ରେଗା ବାବଦ୍ ଜନଶୁଣାଣି ହେଇଛେ । ବ୍ଲକ୍ ଇଲାକା ନ ୨୦୨୩-୨୪ ର ଶେଷ ଆର୍ ୨୦୨୪-୨୫ର ପହେଲା ଖେପେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜ୍‌ନାଥି କାର୍ଯ୍ୟକାରୀ ହେଇଥିବା ସବୁ ପ୍ରକଳ୍ପ ବାବ୍‌ଦେ ଜନଶୁଣାଣି ହେଇଥିଲା । ଅତିରିକ୍ତ ଜିଲ୍ଲାପାଳ୍ ଆଉ ଜିଲ୍ଲା ପରିଷଦ୍ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ଇ ଜନଶୁଣାଣି ହେଇଥିଲା ।

ସୁବର୍ଣ୍ଣପୁର୍- ଭସାଣି ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ହେଇଥିବା ମୃଣ୍ମୟୀ ଦୁର୍ଗାପୂଜାର୍ ଭସାଣୀ ଉତ୍ସବ୍ ଆଏଜ୍ ହେଇଛେ । ପାରମ୍ପାରିକ୍ ଲୋକବାଦ୍ୟ, ଲୋକନୃତ୍ୟ ଆର୍ ଘଂଟଘଂଟା ସହେତେ ଲୋକ୍ମାନେ ମା'ଙ୍କୁ ବିଦାୟ ଦେଇଛନ୍ । ସହରର୍ ୧୭ ଟା ମେଢ଼ ସହର୍ ପରିକ୍ରମା କର୍ବାର୍ ଉତ୍ରୁ ମହାନଦୀଥି ବିସର୍ଜନ୍ କରାଯାଇଛେ ।

କଳାହାଣ୍ଡି- ନଦୀନ ବୁଡ଼ିକରି ମୃତ୍ୟୁ କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ର ବିଲାଟର ଦୁଇଝନ୍ ଯୁଆନ୍ ଟୁକେଲ୍ଙ୍କର୍ ସାନ୍ଦୁଳ ନଦୀକେ ଗାଧିବାର୍କେ ଯାଇଥିବାର୍ ବେଲେ ବୁଡ଼ିଯାଇକରି ଜୀବନ୍ ଯାଇଛେ । ଖବର୍ ପାଇକରି ପୁଲିସ୍ ଆର୍ ଦମ୍କଲ୍ ବାହିନୀ ଘଟ୍ନା ଜାଗାକେ ଯାଇକରି ଶବ ଉଦ୍ଧାର୍ କରିଥିଲେ ।

ବିଶ୍ୱ ହାତଧୁଆ ଦିବସ ଆର୍ଏନ୍ୟୁ / କଟକ୍

ହାତ୍ ଲାଗି ଜୀବଣୁ ମୁହୁଁକେ ଯାଉଥିବାର୍ନୁ ଇଥିର୍ଲାଗି ସଚେତନତା ସୃଷ୍ଟି କର୍ବାର୍କେ ଆଏଜ୍ ବିଶ୍ୱ ହାତ୍ ଧୁଆ

ଦିବସ୍ ପାଲନ୍ କରାଯାଉଛେ । ଇ ଦିବସ୍‌ର ବାର୍ତା ରହିଛେ ‘କାଁହେଲାଯେ ସଫା ହାତ୍ ଦର୍‌କାର୍ ଆଏ’ । ରାଜ୍ୟର୍ ସବୁ ଉଚ୍ଚ ପ୍ରାଥମିକ ଆର୍ ମାଧ୍ୟମିକ ବିଦ୍ୟାଳୟ ନ ଇ ବଛର୍ ବିଶ୍ୱ ହାତଧୁଆ ଦିବସ୍ ପାଲନ୍ କର୍‌ବାର୍ ଲାଗି ସ୍କୁଲ୍ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଆଏବା ନଭେମ୍ବର ୧୪ ତାରିଖ୍‌ତକ୍ ମାସେ ଧରିକରି ସ୍କୁଲ୍‌ମାନ୍‌କେ ଫି’ ଦିନ ଛାତ୍ରଛାତ୍ରୀମାନ୍‌କୁ ହାତ୍‌ଧୁଆ ଅଭ୍ୟାସ୍ କରାଯିବା । ଇ ବାବ୍‌ଦେ ଓସେପା ତର୍‌ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଜରିଏ ଜନେଇ ଦିଆଯାଇଛେ । ବିଶ୍ୱ ହାତ୍‌ଧୁଆ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଲୋକ୍‌ମାନ୍‌କୁ ହାତ୍ ଧୁଇବାର୍‌କେ ଗୁଟେ ଅଭ୍ୟାସ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।